## ସଂକ୍ଷେପରେ

### ପୃଥକ ଦୁର୍ଘଟଣାରେ ୩ମୃତ

ଆନନ୍ଦପୁର/ମନୋହରପୁର, ୭।୧୧(ସ୍ୱ.ପ୍ର./ଡି.ଏନ.ଏ.)-କେନ୍ଦୁଝର ଜିଲା ଆନନ୍ଦପୁର ଓ ଘସିପୁରା ଥାନା ଅଧୀନରେ ପୃଥକ ୩ ଗୋଟି ସ୍ଥାନରେ ବାଇକ୍ ଦୁର୍ଘଟଣା ଘଟି ୩ ଜଣଙ୍କର ମୃତ୍ୟୁ ହୋଇଛି। ଉଭୟ ଥାନାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରି ତଦନ୍ତ ଆରମ୍ଭ କରିଛି। ରବିବାର ଘସିପୁରା ଥାନା ୨୦ ନଂ ଜାତୀୟ ରାଜପଥର ଧକୋଠା ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଘଟି ବାଇକ୍ ଆରୋହୀ ସଂଗ୍ରାମ ମୁଦୁଲୀଙ୍କର ମୃତ୍ୟୁ ହୋଇଛି। ତାଙ୍କ ଘର ସ୍ଥାନୀୟ ଶୈଲଙ୍ଗ ଗ୍ରାମରେ। ଆନନ୍ଦପୁର ଥାନା ଅଧୀନ ଆଦିବାସୀ ଅଧୁଷିତ ଗୟଲମୁଣ୍ଡାକୁ ଶନିବାର ରାତି ଯାତ୍ରା ଦେଖିବାକୁ ଯିବା ସମୟରେ କରଞ୍ଜିଆ-ଭଦ୍ରକ ରାସ୍ତାର ସିଲିକାବେଡା ଛକ ନିକଟରେ ଦୁର୍ଘଟଣା ଘଟି ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ଗ୍ରାମର ଦାମୋଦର ଲିଆଙ୍କଙ୍କ ମୃତ୍ୟୁ ହୋଇଛି। ସେହିପରି ଯାତ୍ରା ଦେଖିବାକୁ ଯାଉଥିବା ସମୟରେ ବଡପୁରୁଣାପାଣି ନିକଟରେ ଦୁର୍ଘଟଣା ଘଟି ଜଞ୍ଜାଳି ଗ୍ରାମର ବିଦୁ ବଦରାଙ୍କର ମୃତ୍ୟୁ ହେବା ଘଟଣା ଶୋକମୟ ପରିବେଶ ସୃଷ୍ଟି କରିଛି।

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କପ୍ତିପଦା, ୭।୧୧(ଡି.ଏନ୍.ଏ.)-ମୟୂରଭଞ୍ଜ କପ୍ତିପଦା ଶରତ ରାସ୍ତାର ପୁରୁଣାପାଣି ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗତ ଶନିବାର ରାତିରେ ବଡ଼ଖଲାଡ଼ି ପଞ୍ଚାୟତ କୁସୁନପୁର ଗ୍ରାମର ମହେନ୍ଦ୍ର ମାଝୀଙ୍କ ପୁଅ ଜିତେନ୍ ମାଝି (୩୫) ନିଜ ବାଇକ୍ ଯୋଗେ କପ୍ତିପଦାକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ପୁରୁଣାପାଣି ନିକଟରେ ରାସ୍ତାକଡ଼ରେ ପଡ଼ିଯାଇଥିଲେ। ଗୁରୁତର ଥିବାରୁ ପ୍ରଥମେ ବାରିପଦା ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମୋତିଆ ବିନ୍ଦୁ ଚିହ୍ନଟ ଶିବିର

କେନ୍ଦୁଝର, ୭।୧୧(ସ୍ୱ.ପ୍ର.): ସଂଯୋଗ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଜିରାଙ୍ଗ ଏମଇ ସ୍କୁଲ ପରିସରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଳାଶପାଳ, ପିଠାଗୋଳା, ଜାମୁଯୋଡି ଓ ଜିରାଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମର ପ୍ରାୟ ୧୦୨ ଜଣ ଚକ୍ଷୁ ପରୀକ୍ଷା କରିଥିବାବେଳେ ସେମାନଙ୍କୁ ସ୍ୱାସ୍ଥ ସେବା ପରାମର୍ଶ ଦିଆଯାଇଛି। ୨୬ ଜଣଙ୍କ ଚକ୍ଷୁ ଅପରେସନ ପାଇଁ ଚିକିତ୍ସାଳୟକୁ ପଠାଯାଇଛି ବୋଲି ସଂଯୋଗର ପରାମର୍ଶଦାତା ଭକ୍ତ ବତ୍ସଳ ମହାନ୍ତି ସୂଚନା ଦେଇଛନ୍ତି।

### ବର୍ଷୀୟାନ ଖେଳ ଶିକ୍ଷକଙ୍କ ପରଲୋକ

ବୈଶିଙ୍ଗା, ୭।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଅଞ୍ଚଳ ମୁନିଲାଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ ଶିରିଶ ଚନ୍ଦ୍ର ପତିଙ୍କର ରବିବାର ସକାଳେ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ୨୦୦୨ ମସିହାରେ ସେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ଅକ୍ଟୋବର ମାସ ୨୩ ତାରିଖରେ କଟକର ଏକ ଘରୋଇ ଡାକ୍ତରଖାନାରେ ରଖି ତାଙ୍କୁ ଚିକିତ୍ସା କରାଯାଉଥିଲା। ଗତ ଶନିବାର ତାଙ୍କୁ ଘରକୁ ନେଇ ଆସିଥିଲେ। ରବିବାର ତାଙ୍କର ମୃତ୍ୟୁ ଖବର ପାଇ ବୈଶିଙ୍ଗା ଅଞ୍ଚଳର ବହୁ ବୁଦ୍ଧିଜୀବୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଆଞ୍ଚଳିକ ବିକାଶ ପରିଷଦ ଏବଂ ମୁନିଲାଲ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

### ଧାଙ୍ଗୁଆନ ମହୋତ୍ସବ ପାଇଁ ପ୍ରସ୍ତୁତି

ପାଟଣା, ୭।୧୧(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ କୁଡୁମୀ ସମ୍ପ୍ରଦାୟର ଲୋକକଳା, ସଂସ୍କୃତି ଓ କୁଡୁମାଲି ଭାଷା ସମ୍ବଳିତ ଧାଙ୍ଗୁଆନ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଧାଙ୍ଗୁଆନ କମିଟି ବୈଠକରେ ଚୂଡାନ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ମହୋତ୍ସବରେ ମୁଖ୍ୟତଃ କେନ୍ଦୁଝର ଓ ମୟୁରଭଞ୍ଜ ଜିଲାର ୩୦ରୁ ଉର୍ଦ୍ଧ୍ୱ ଧାଙ୍ଗୁଆନ ଦଳ କୁଡୁମୀ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ ଓ ବାଦ୍ୟ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ବିଜୟୀ ଟିମ୍‌କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ‘ଚ୍ୟାଲେଞ୍ଜ ମୁକାବିଲା ଲାଗି ପ୍ରସ୍ତୁତ ହେଉ ପିଏକ୍ସଇ’

**ବାଲେଶ୍ୱର ଅଫିସ,୭।୧୧**

ବାଲେଶ୍ୱର ଜିଲା ଚାନ୍ଦିପୁର ସ୍ଥିତ ଡିଆର୍‌ଡିଓର ପ୍ରମାଣ ତଥା ପ୍ରାୟୋଗିକ ସ୍ଥାପନା (ପିଏକ୍ସଇ)ର ୧୨୭ତମ ସ୍ଥାପନା ଦିବସ ରବିବାର ପାଳିତ ହୋଇଯାଇଛି। ପିଏକ୍ସଇର ନିର୍ଦ୍ଦେଶକ ଡି.କେ. ଯୋଶୀ ପତାକା ଉତ୍ତୋଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ଅସ୍ତ୍ରଶସ୍ତ୍ରର ଗତିଶୀଳ ପରୀକ୍ଷଣ ଓ ମୂଲ୍ୟାଙ୍କନ କ୍ଷେତ୍ରରେ ଭବିଷ୍ୟତ ଆହ୍ୱାନର ସମ୍ମୁଖୀନ ହେବାପାଇଁ ରେଞ୍ଜ ଇନ୍‌ଷ୍ଟ୍ରୁମେଣ୍ଟେସନ୍ ସେଟ୍‌ଅପ୍ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ସେ ଦେଇଥିଲେ। ଆଟାଗସ୍, ବାଇ ମଡ୍ୟୁଲାର ଚାର୍ଜ ସିଷ୍ଟମ (ବିଏମ୍‌ସିଏସ୍) ତଥା କ୍ଷେପଣାସ୍ତ୍ରର ବିଭିନ୍ନ ଫ୍ୟୁଜ୍ ସବ୍‌ସିଷ୍ଟମ୍‌ର କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସେ ପିଏକ୍ସଇର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କର ଭୂୟସୀ ପ୍ରଶଂସା କରିଥିଲେ। ପିଏକ୍ସଇକୁ ଏକ ବିଶ୍ୱସ୍ତରୀୟ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ରେଞ୍ଜରେ ପରିଣତ କରିବା ପାଇଁ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ସ୍ଥାପନା ଦିବସ ପରିଚାଳନା ସମିତିର ଅଧ୍ୟକ୍ଷ ଡ. ଶଙ୍କର୍ଷଣ ପାଢ଼ୀ ସ୍ଥାପନା ଦିବସ ଓ ସ୍ୱାଧୀନତାର ୭୫ତମ ବର୍ଷ ଅବସରରେ ପାଳିତ ଅମୃତ ମହୋତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସୂଚନା ଦେଇଥିଲେ। ଗତ ସେପ୍ଟେମ୍ବର ୭ରୁ ଅକ୍ଟୋବର ୭ ମଧ୍ୟରେ ୧୨ଟି ବିଭିନ୍ନ କଲେଜରୁ ୫୬ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ ଇଣ୍ଟର୍ଣ୍ଣସିପ୍ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ‘ସ୍ୱାଧୀନତା ପରବର୍ତ୍ତୀ ଭାରତର ପ୍ରତିରକ୍ଷା ପ୍ରସ୍ତୁତି କ୍ଷେତ୍ରରେ ପିଏକ୍ସଇର ଅବଦାନ’ ଏବଂ ‘ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାର ଅନୁସରଣ ପାଇଁ ଡିଆର୍‌ଡିଓର ଭୂମିକା’ ପ୍ରସଙ୍ଗରେ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ପିଏକ୍ସଇ ପରିସରରେ ଗତ ୧ ତାରିଖରେ ‘ସ୍ୱଚ୍ଛ ଓ ସବୁଜ ଅଭିଯାନ’ ଅନ୍ତର୍ଗତ ୧୨୭ରୁ ଅଧିକ ଫଳ ଓ ଔଷଧ ଚାରାରୋପଣ କରାଯାଇଥିଲା। ୨ରେ ଅନୁଷ୍ଠିତ ରକ୍ତ ଦାନ ଶିବିରରେ ୧୨୭ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପିଏକ୍ସଇର କର୍ମଚାରୀମାନଙ୍କୁ ଡିଆରଡିଓ ଲ୍ୟାବ୍‌ସ୍ତରୀୟ ପୁରସ୍କାର, ପ୍ରୁଫ୍ ମ୍ୟାନ ଅଫ୍ ଦି ଇୟର ପୁରସ୍କାର ସମେତ ବିଭିନ୍ନ ବର୍ଗର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


ପିଏକ୍ସଇର ସ୍ଥାପନା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

# ସହରରେ ପଶିଲା ଭାଲୁ

**ସଜନାଗଡ଼,୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ସହରରେ ରବିବାର ଭାଲୁ ଆତଙ୍କ ଦେଖିବାକୁ ମିଳିଥିଲା। ପ୍ରାତଃ ଭ୍ରମଣରେ ଯାଉଥିବା ଜଣେ ଯୁବକଙ୍କୁ ଭାଲୁଟି ଗୋଡ଼ାଇବାରୁ ସେ ଜୀବନ ବଞ୍ଚାଇବାକୁ ଯାଇ ପୋଖରୀ ମଧ୍ୟକୁ ଡେଇଁ ପଡ଼ିଥିଲେ। କିଛି ସମୟ ଧରି ଭାଲୁ ସହର ମଧ୍ୟରେ ରହି ପରେ ପାଖ ଜଙ୍ଗଲକୁ ପଳାଇଥିଲା।

ଶନିବାର ରାତିରେ ଭାଲୁଟି ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲରୁ ଆସି ବାଟବଣା ହୋଇଯାଇଥିଲା। ଜଙ୍ଗଲକୁ ଫେରି ନ ପାରି ସହର ଭିତରକୁ ପଶିଯାଇଥିଲା। ଘାଟଘରସାହି ଅଞ୍ଚଳର ଗୟାଧର ବେହେରା ଭୋର ସମୟରେ ପ୍ରାତଃଭ୍ରମଣ କରୁଥିଲେ। ଏହି ସମୟରେ ଜଗନ୍ନାଥ ବଡ଼ଦାଣ୍ଡରେ ଥିବା ଶଙ୍କରାଖୁଣ୍ଟା ପୋଖରୀ ନିକଟରେ ଭାଲୁଟି ତାଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲା। ସେ ଉପସ୍ଥିତ ବୁଦ୍ଧି ଖଟାଇ ପୋଖରୀକୁ ଡେଇଁ ପଡ଼ି ଜୀବନ ବଞ୍ଚାଇଥିଲେ। ସେହିପରି ବାଇପାସ୍ ରାସ୍ତାରେ ମୁନା ଦାସ ନାମକ ଜଣେ ବ୍ୟକ୍ତି ଫୁଲ ତୋଳିବା ପାଇଁ ଆସିଥିବା ବେଳେ ଭାଲୁ ଗୋଡ଼ାଇବାରୁ ପଡ଼ିଯାଇ ଆହତ ହୋଇଛନ୍ତି। ତେବେ ଭାଲୁକୁ ନେଇ ସହରବାସୀ ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଲାଗି ଭିତ୍ତିପ୍ରସ୍ତର

**ପଦ୍ମପୁର,୭।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଏମ୍‌ପି ମଞ୍ଜୁଲତା ମଣ୍ଡଳ। ପ୍ରଥମେ ଅରଣ୍ଡୁଆ ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତା ବୈକୁଣ୍ଠପୁରରୁ ବାସୁଦେବପୁର-ଜାମଝାଡ଼ି ରାସ୍ତା ଭାୟା ସଲମାଗଡ଼ିଆ ଅରଣ୍ଡୁଆ ଓ ସମିଆଁଠାରେ ୬.୬୦୦ କି.ମି. ରାସ୍ତା ୨.୮୮ କୋଟି ଟଙ୍କା, ସୁଦର୍ଶନପୁର ପଞ୍ଚାୟତଠାରୁ କୁମାରପୁର, ଅଣତିରା, ଦାମୋଦରପୁର ଓ ଈଶ୍ୱରପୁର ରାସ୍ତା ୭.୧୮୦ କି.ମି. ୨.୮୮ କୋଟି ଓ ଶେଷରେ ବିରସ ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତାଠାରୁ କାଶିପୁର ଭାୟା ବହୁପୋଖରୀ ରାଇପୁର ୬.୬ କି.ମି. ରାସ୍ତା ପାଇଁ ୨.୮୮କୋଟି ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଦୀନବନ୍ଧୁ ଦାସ, ଅରୁଣ ମହାନ୍ତି, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ଭାଗୀରଥି ବଳ, ରମେଶ ଚନ୍ଦ୍ର ମିଶ୍ର, ସରପଞ୍ଚ ମିନତି ମଲିକ, ଯନ୍ତ୍ରୀ ସତ୍ୟରଞ୍ଜନ ନାୟକ, ସରପଞ୍ଚ ଶାନ୍ତିଲତା ଦାସ, ନିରଞ୍ଜନ ଦାସ, ଜଗବନ୍ଧୁ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।


ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ଭୋଟ ବର୍ଜନ ଚେତାବନୀ

**ବାରିପଦା ଅଫିସ/ ସାରସକଣା,୭।୧୧(ଡି.ଏନ.ଏ.)**

ମୌଳିକ ସମସ୍ୟାର ସମାଧାନ ନ ହେଲେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ହାତୀକୋଟ ପଞ୍ଚାୟତ ଅନ୍ତର୍ଗତ ନୂଆଡିହି ଓ ସାରସକଣା ବ୍ଲକ ଖାରପୋଖରିଆ ପଞ୍ଚାୟତର ଗହଳାମୁଣ୍ଡା,ଖାରପୋଖରିଆ ଏବଂ ଉମାଦେଇପୁର ପଞ୍ଚାୟତର ହରିଜନସାହି ଏବଂ ଭୁରୁଷାଣି ପଞ୍ଚାୟତ ଅନ୍ତର୍ଗତ ମାକଡାଡିହି ଆଦି ଗ୍ରାମର ଲୋକେ ଏନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବାରମ୍ବାର ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରିବା ପରେ ମଧ୍ୟ କୌଣସି ସମାଧାନ ହେଉ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଗ୍ରାମବାସୀ କହିଛନ୍ତି। ଏନେଇ ହାତୀକୋଟ ପଞ୍ଚାୟତର ନୂଆଡିହି ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଲୋକେ ଗୋଳିଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ ଅଧିକାଂଶ ପଦବୀ ଫାଙ୍କା ପଡ଼ିଛି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଗଣେଶ ଚନ୍ଦ୍ର ମହାନ୍ତ, ସଞ୍ଜୁକ୍ତା ମହାନ୍ତ, କିରଣ ମହାନ୍ତଙ୍କ ସମେତ ସମସ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେହିପରି ସାରସକଣା ବ୍ଲକ ଅଞ୍ଚଳର ଭଗୀରଥ ପ୍ରହରାଜ, ସୁମନ ଗୋଛାୟତ, ଦୀପକ ପରିଡ଼ା, ରବୀନ୍ଦ୍ର ମହାନ୍ତ, ରାଜୀବ ମହାନ୍ତ, ମଙ୍ଗଲ ସିଂ ପ୍ରମୁଖ ବିଡିଓ କରୁଣାକର ଧିର୍ଣ୍ଣାଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ମୌଳିକ ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ବିଜେଡିରେ ମିଶିଲେ ଚକଜଗନ୍ନାଥପୁର ସମିତି ସଭ୍ୟ


ମିଶ୍ରଣ ପର୍ବରେ ଉପସ୍ଥିତ ବିଜେଡ଼ି ନେତୃବୃନ୍ଦ।

**ବାଲେଶ୍ୱର ଅଫିସ,୭।୧୧**

ବାଲେଶ୍ୱର ଜିଲା ବିଜେଡି କାର୍ଯ୍ୟାଳୟରେ ବାହାନଗା ବ୍ଲକ ଚକଜଗନ୍ନାଥପୁର ପଞ୍ଚାୟତର ସମିତି ସଭ୍ୟ ବଳରାମ ଜେନା ଏବଂ ୱାର୍ଡ ସଭ୍ୟ ଦିବାକର ମହାଲିକ ନିଜର ବହୁ ସମର୍ଥକଙ୍କ ସହ ରବିବାର ସନ୍ଧ୍ୟାରେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଏବଂ ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଯୋଗଦେଇ ନବାଗତମାନଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟବାସୀଙ୍କ ଉନ୍ନତି ପାଇଁ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତେ ଏକାଠି ହୋଇ କାମ କରିବାକୁ ସୁବାସିନୀ ପରାମର୍ଶ ଦେଇଥିଲେ। ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସମହାପାତ୍ର, ଚକଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚ ଜ୍ୟୋତିଶଙ୍କର ଭୋଳ, ପୂର୍ବତନ ସରପଞ୍ଚ ନିରଞ୍ଜନ ମହାଲିକ, ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ଜେନା, ବରିଷ୍ଠ ନେତା ନରେନ୍ଦ୍ର ଦାସ, ମହେନ୍ଦ୍ର ଜେନା, ନିରଞ୍ଜନ ମଣ୍ଡଳ, ଲକ୍ଷ୍ମୀଧର ପେରେଇ, ବ୍ରଜମୋହନ ପାଢୀ,ପର୍ଶୁରାମ ରାଉତ, ଜଗବନ୍ଧୁ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୨ କରତ କଳରେ ଚଢ଼ାଉ

## ଜଣେ ଗିରଫ, ଯନ୍ତ୍ରାଂଶ ଜବତ

**ସିମୁଳିଆ,୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଙ୍ଗଲ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ରବିବାର ସକାଳେ ସିମୁଳିଆ ବ୍ଲକର ସଦରମହକୁମା ମାର୍କୋଣା ଓ ବରି କେନାଲ ନିକଟରେ ଥିବା ୨ ବେଆଇନ କରତ କଳ ଉପରେ ଚଢ଼ାଉ କରାଯାଇଥିଲା। ଏହି ୨ କରତ କଳର ବିଭିନ୍ନ ଯନ୍ତ୍ରାଂଶ ସମେତ ମୂଲ୍ୟବାନ କାଠଗୁଡ଼ିକୁ ବିଭାଗ ଜବତ କରିବା ସହିତ ସେକ୍ ଫେୟାର ନାମକ ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ସିମୁଳିଆ ପୋଲିସର ସହାୟତା ଓ ଏସିଏଫ୍ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ନୀଳଗିରି, କୁଲଡ଼ିହା, ଚାନ୍ଦିପୁର ଓ ସୋର ରେଞ୍ଜର ଚଢ଼ାଉରେ ସାମିଲ ଥିଲେ। ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କାଙ୍କ ସମେତ ଫରେଷ୍ଟର ସୌମ୍ୟରଞ୍ଜନ ମାଝି, କିଶୋର ଚନ୍ଦ୍ର ଭୂୟାଁ, ଭାଗ୍ୟଶ୍ରୀ ଦ୍ୱିବେଦି, ଶ୍ରୀଧର ଲେଙ୍କା, ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବାରମ୍ବାର ଚଢ଼ାଉ ପରେ ପୁଣି କରତ କଳଗୁଡ଼ିକ ଚାଲୁଛି। ଏ ସମ୍ପର୍କରେ ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀମାନେ ଜଙ୍ଗଲ ସହିତ କାଠ ମାଫିଆ, ପ୍ରାଣୀମାନଙ୍କୁ ଜଗିବାରେ ବ୍ୟସ୍ତ ରହୁଥିବାରୁ ସବୁବେଳେ କରତକଳ ଉପରେ ନଜର ରହିବା ସମ୍ଭବପର ହୋଇପାରୁ ନ ଥିବା ସେ କହିଛନ୍ତି।


ମାର୍କୋଣା କରତ କଳର ଯନ୍ତ୍ରାଂଶଗୁଡ଼ିକୁ ଖୋଲି ନିଆଯାଉଛି।

# ‘ବଳରାମ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ’

**ବାସୁଦେବପୁର,୭।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ମିରାକଲ ପବ୍ଲିକ ସ୍କୁଲ ପରିସରରେ ରବିବାର ପୂର୍ବତନ ପ୍ରାଧ୍ୟାପକ, ସାହିତ୍ୟିକ ସ୍ୱର୍ଗତ ବଳରାମ ଦେ ଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ମୁରଲୀଧର ସାହୁ ଯୋଗଦେଇ ବଳରାମ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟମଣି ଶତପଥୀ, ଅବସରପ୍ରାପ୍ତ ଅଧ୍ୟାପକ ଭାଗୀରଥି ମହାନ୍ତି, ପର୍ଶୁରାମ ଦେ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଦେଙ୍କ ବଡ଼ପୁଅ ପ୍ରଭୁଦତ୍ତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ୱର୍ଗତ ଦେଙ୍କ ସମ୍ପର୍କରେ ଲିଖିତ ୨ଟି ପୁସ୍ତିକା ‘ବଳରାମ ସୃଷ୍ଟି ପଲ୍ଲବ’ ଓ ‘ବିଦ୍ୟା ବିନୋଦ ବଳରାମ’କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ଦାସ, ବୈଲୋଚନ ଜେନା, ପୀତାମ୍ବର ମିଶ୍ର, ପ୍ରଭାକର ତ୍ରିପାଠୀ, ପୂର୍ବତନ ପୌରାଧ୍ୟକ୍ଷ ଅଶୋକ ଦାସ ପ୍ରମୁଖଙ୍କ ସହ ସ୍ୱର୍ଗତ ଦେଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୁଆମରା, ୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତର ଗଡା ଗ୍ରାମ ଠାରେ ବହାବିରେଶ୍ୱରୀ ଆଥଲେଟିକ ଆସୋସିଏଶନ ପକ୍ଷରୁ ୨୩ ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଦୁଇଦିନିଆ ଟୁର୍ନାମେଣ୍ଟର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ସୁଡେଇ ବଡ଼ଗାଁ ଟିମ ବରହମପୁରର ଗୋଲଡେନ ଆର୍ମିକୁ ୩-୨ ଗୋଲରେ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଚାମ୍ପିୟନ ଦଳକୁ ୧୫ ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଭାସ୍କର ଚନ୍ଦ୍ର ମଡେଇ ପରିଦର୍ଶନରେ ଆସି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଜିମ୍ ସେଣ୍ଟର, ନୃତ୍ୟ ସଙ୍ଗୀତ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ

**ପାଟଣା,୭।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ପରମେଶ୍ୱର ଶିବ ମନ୍ଦିର ନିକଟରେ ନୂତନ ଭାବେ ଭୋଳାନାଥ ଜିମ୍ ସେଣ୍ଟର ଓ ନୃତ୍ୟ ସଙ୍ଗୀତ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜିମ୍ ସେଣ୍ଟରକୁ ରାଷ୍ଟ୍ରୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଟଣା ପ୍ରେସ କ୍ଲବ ସଭାପତି ମହେଶ୍ୱର ପୃଷ୍ଟି, ସମ୍ପାଦକ ବିଜୟ ରତ୍ନ ପତି, ଜିମ୍ ସେଣ୍ଟରର ସତ୍ତ୍ୱାଧିକାରୀ ଅରୁଣ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସିଂହବାହିନୀ ବେଶରେ ଭଦ୍ରକାଳୀ


ମା’ ଭଦ୍ରକାଳୀଙ୍କ ସିଂହବାହିନୀ ବେଶ।

**ଭଦ୍ରକ ଅଫିସ, ୭।୧୧:** ମା’ ଭଦ୍ରକାଳୀ ସପ୍ତମାତୃକା ବେଶର ଚତୁର୍ଥ ଦିନ ରବିବାର ମା’ ଦୁର୍ଗତୀ ନାଶିନୀ ସିଂହବାହିନୀ ବେଶରେ ଦର୍ଶନ ଦେଇଛନ୍ତି। ସିଂହ ମା’ଙ୍କର ବାହନ ଥିବାବେଳେ ନାଲିପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଭୂଷିତ ହୋଇଥିଲେ। ଚାରି ହସ୍ତରେ ଖଡ୍‌ଗ, ତ୍ରିଶୂଳ, ଶଙ୍ଖ, ଚକ୍ର ଧାରଣ କରି ଚତୁର୍ଭୁଜାମୂର୍ତ୍ତିରେ ପ୍ରକଟ ହୋଇଥିଲେ ମା’ ଭଦ୍ରକାଳୀ। ସିଂହବାହିନୀ ବେଶ ଦର୍ଶନ କଲେ ଭକ୍ତଙ୍କର ଗ୍ରହ ଦଶା, ରିଷ୍ଟ ଖଣ୍ଡନ ତଥା ସମସ୍ତ ବିପଦ ଦୂର ହୁଏ ବୋଲି ବିଶ୍ୱାସ ରହିଛି। ସୋମବାର ମା’ଙ୍କର ଜଗଦ୍ଧାତ୍ରୀ ବେଶ ଅନୁଷ୍ଠିତ ହେବ।

# ଜବରଦଖଲରେ ବଳଦେବଜୀଉଙ୍କ ସମ୍ପତ୍ତି

**କେନ୍ଦୁଝର, ୭।୧୧(ଡି.ଏନ.ଏ.)**

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ କୋଟି କୋଟି ଟଙ୍କା ମୂଲ୍ୟର ମୂଲ୍ୟବାନ ଜମି ଜବରଦଖଲ ଥିଲେ ବି ଦେବୋତ୍ତର ବିଭାଗ ନିଜ ଖାତାକୁ ଆଣିବା ଦିଗରେ ଯେମିତ ଉଦ୍ୟମ କରିବା କଥା ତାହା କରୁନାହିଁ ବୋଲି ଅଭିଯୋଗ ହୋଇଛି। ୧୬୭୩ ମସିହାରେ ନିର୍ମିତ ବଳଦେବଜୀଉଙ୍କ ମନ୍ଦିର ତିଆରି ହେବା ଦିନଠାରୁ ତତ୍କାଳୀନ ରାଜାଙ୍କ ଦ୍ୱାରା ତାଙ୍କ ନାମରେ ହଜାର ହଜାର ଏକର ସମ୍ପତ୍ତି କରାଯାଇଥିଲା। ସମୟ କ୍ରମେ ରାଜାଙ୍କର ଶାସନ ସରିବା ପରେ ବଳଦେବଜୀଉଙ୍କ ସମ୍ପତ୍ତିମଧ୍ୟ ଧୀରେଧୀରେ ବିଭିନ୍ନ ଅଞ୍ଚଳରେ ଜବରଦଖଲ ହେବାକୁ ଲାଗିଲା। ପରିସ୍ଥିତି ଏପରି ହୋଇଛି ଯେ ବଳଦେବଜୀଉ ଠାକୁରଙ୍କର ସମ୍ପତ୍ତି ଖୋଜିଲେ ମିଳୁନି। କିଏ କେଉଁଠି ଭାଗ ଦଖଲ କରିଛି ତ କିଏ ଜବର ଦଖଲ କରି ଘର, ବାଡି, ବଗିଚା କଲେଣି। ଏପରିକି କିଛି ଜମିକୁ ନକଲି ପଟ୍ଟା ବାହାର କରି ବିକ୍ରି ମଧ୍ୟ କରି ସାରିଲେଣି। ଦେବୋତ୍ତର ବିଭାଗର ଅପାରଗତା ଉଦାସୀନତା ମନୋଭାବ ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି। ତେବେ ପ୍ରଥମ ପର୍ଯ୍ୟାୟରେ ଦେବୋତ୍ତର ବିଭାଗ ପକ୍ଷରୁ ସଦର ତହସିଲର କବିତ୍ରାରେ ୨୮୧.୬୦୦ଏକର ମଧ୍ୟରୁ ୨୫୦ଏକର ଜମି ଚିହ୍ନଟ ହୋଇଥିବା ବେଳେ ସିଦ୍ଧମଠ ପାଖରେ ୩୯ଏକର ଜମି ଚିହ୍ନଟ ହୋଇ ତାର ବାଡ ଦିଆଯାଇଛି ବୋଲି ଦେବୋତ୍ତର ଅଫିସର ତଥା ସଦର ଉପ-ଜିଲାପାଳ ରାମଚନ୍ଦ୍ର କିସ୍କୁ ପ୍ରକାଶ କରିଛନ୍ତି। ସାତସିଙ୍ଗା ମୌଜାରେ ପାଖାପାଖି ୭ଏକର ଜମି ଚିହ୍ନଟ ହୋଇଥିଲେ ମଧ୍ୟ ତାହା ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଦେବୋତ୍ତର ବିଭାଗ ପକ୍ଷରୁ ୧୧୪ଜଣ ଜବରଦଖଲକାରୀଙ୍କୁ ନୋଟିସ୍ ଦିଆଯିବା ସତ୍ତ୍ୱେ ସେମାନେ ତାହା ଶୁଣୁ ନଥିବା ଅଭିଯୋଗ ହୋଇଛି। ଏଥିନେଇ ଦେବୋତ୍ତର ବିଭାଗ ପକ୍ଷରୁ ଦେବୋତ୍ତର କମିଶନଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି।

# ୧୦ବର୍ଷର ପୁଅ ହୃତ୍‌ପିଣ୍ଡରେ ଛିଦ୍ର

## ଚଳିବାକୁ ସମ୍ବଳ ନାହିଁ, ଚିକିତ୍ସା ଚିନ୍ତାରେ ଭାରତୀ

**ସିମୁଳିଆ, ୭।୧୧(ଡି.ଏନ.ଏ.)**

କଥାରେ ଅଛି ଦୁଃଖ ଯେତେବେଳେ ଆସେ ନିଜର ବନ୍ଧୁ ବାନ୍ଧବଙ୍କୁ ନେଇଆସେ। ଏଭଳି ଏକ ଦୁଃଖର ପାହାଡ ଛିଣ୍ଡିପଡ଼ିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଭଗିଆ ଗ୍ରାମର ଭାରତୀ ଦେବନାଥ(୩୦)ଙ୍କ ପରିବାରରେ। ଗତ ୩ବର୍ଷ ପୂର୍ବେ ତାଙ୍କ ସ୍ୱାମୀ ଯଶୋବନ୍ତ ଦୁରାରୋଗରେ ଆଖି ବୁଜିବା ପରେ ଏକମାତ୍ର ୧୦ବର୍ଷର ପୁଅ ସନ୍ତୋଷଙ୍କ ହୃତପିଣ୍ଡରେ ଛିଦ୍ର। ସେ ଏବେ ଜୀବନ ସହ ସଂଘର୍ଷ କରୁଛି। ଡାକ୍ତରଙ୍କ ସୂଚନା ଅନୁସାରେ ସନ୍ତୋଷଙ୍କ ହୃତପିଣ୍ଡରେ ଛିଦ୍ର ହେବା ସହ ଶିରା ପ୍ରଶିରାଗୁଡ଼ିକ ଗୁଡ଼ାଇ ହୋଇରହିଛି। ଫଳରେ ସନ୍ତୋଷ ସାଧାରଣ ପିଲାଙ୍କ ପରି ବୁଲାଚଲା କିମ୍ବା ଖେଳକୁଦ କରିପାରୁନାହାନ୍ତି। ଅଳ୍ପ ରାସ୍ତା ଚାଲିଲେ ଧଇଁସଇଁ ହୋଇଯାଉଛନ୍ତି। ଗତ କିଛି ଦିନ ପୂର୍ବେ ସେ ପାରାଲିସିସରେ ଆକ୍ରାନ୍ତ ହୋଇ ମୁହଁ ବଙ୍କା ମଧ୍ୟ ହୋଇଯାଇଥିଲା। ଏ ସମ୍ପର୍କରେ ଭାରତୀ କହନ୍ତି ପୁଅକୁ ଦୁଇବର୍ଷ ବୟସରୁ ଥଣ୍ଡା ଜ୍ୱର ଆରମ୍ଭ ହୋଇଥିଲା। ପ୍ରଥମେ ସିମୁଳିଆ ଓ ପରେ ସୋର, ଭଦ୍ରକ, ବାଲେଶ୍ୱର, କଟକ ଶିଶୁ ଭବନରେ ଡାକ୍ତରଙ୍କୁ ଦେଖାଇବାରୁ ପୁଅର ହୃତପିଣ୍ଡରେ ଛିଦ୍ର ଥିବା ଜଣାପଡ଼ିଥିଲା। ତେବେ ବୟସ କମ୍ ଯୋଗୁ ଅପରେଶନ ସମ୍ଭବ ନୁହେଁ ବୋଲି ଡାକ୍ତର କହିବା ସହିତ ୮/୯ ବର୍ଷ ବୟସ ହେଲେ ଅପରେଶନ କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ତେବେ ମାତ୍ର ୧ଗୁଣ୍ଠ ଜମି ତାଙ୍କର ଏକମାତ୍ର ସମ୍ବଳ। ରାଶନ କାର୍ଡରେ ମାସିକ ୩୫ କି.ଗ୍ରା. ଚାଉଳ ଓ ମାସିକ ୫ଶହ ଟଙ୍କା ବିଧବା ଭତ୍ତାରେ ତାଙ୍କ ପରିବାର ଚଳୁଛି। ଅପରେଶନ ପାଇଁ ଅତିକମ୍‌ରେ ୭ରୁ ୮ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ତେବେ ଚିକିତ୍ସା ପାଇଁ ଅର୍ଥ ଆସିବ କେଉଁଠୁ। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ତାଙ୍କୁ ସହଯୋଗର ହାତ ବଢ଼ାଇଲେ ତାଙ୍କ ପୁଅର ଅପରେସନ ହୋଇପାରନ୍ତା ବୋଲି ଭାରତୀ ନିବେଦନ କରିଛନ୍ତି। ଭାରତୀଙ୍କୁ ମୋବାଇଲ ଫୋନ (ନଂ ୯୮୫୩୬୬୯୫୨୩)ରେ ଯୋଗାଯୋଗ କିମ୍ବା ତାଙ୍କର ସିମୁଳିଆ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟ(ନଂ. ୩୨୦୨୩୮୨୦୬୬୭) ମାଧ୍ୟମରେ ସାହାଯ୍ୟ କରାଯାଇ ପାରିବ।


ଭାରତୀଙ୍କ ନିକଟରେ ରୋଗାକ୍ରାନ୍ତ ସନ୍ତୋଷ

## ଗୁହାଳରୁ ଜବତ ହେଲା ୨ ବସ୍ତା ଗଞ୍ଜେଇ

ଜଳେଶ୍ୱର,(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ସ୍ଥିତ ରାଜପୁର ଗାଁର ସେକ୍ ସମିରୁଦ୍ଦିନ ଓ ତାଙ୍କ ପୁଅ ୬୦ନଂ. ଜାତୀୟ ରାଜପଥର ଜମଲପୁର ବାଇପାସ୍ ନିକଟବର୍ତ୍ତୀ ଏକ ଘରକୁ ଭଡ଼ାରେ ନେଇଥିଲେ । ଭଡ଼ାଘର ନିକଟରେ ଏକ ଗୁହାଳ ଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଅବକାରୀ ବିଭାଗର ବାଲେଶ୍ୱରସ୍ଥିତ ଏକ ସ୍ୱତନ୍ତ୍ର ସ୍କାଡ୍ ଓ ଜଳେଶ୍ୱର ଅବକାରୀ ସ୍କାଡ୍ ମିଳିତଭାବେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଗୁହାଳଘରେ ଥିବା ଏକ ବଡ଼ ଟିଣ ବାକ୍ସରୁ ୨ ବସ୍ତା ଗଞ୍ଜେଇ ଜବତ ହୋଇଥିଲା।

### ସଂକ୍ଷେପରେ

## କଳା,ସଂସ୍କୃତି ସଂଗଠନର ରୋପ୍ୟ ଜୟନ୍ତୀ

ତେଲକୋଇ,୭।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟ ବଜାର ପେଣ୍ଡାଲରେ କଳା ସଂସ୍କୃତି ସଂଗଠନର ରୋପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଓ ରାଉରକେଲା ସାଂସ୍କୃତିକ କଳାକାର ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ନିଲିପ୍ତା ନନ୍ଦ ସରସ୍ୱତୀଙ୍କ ସହିତ ସ୍ଥାନୀୟ ଚାରିଗଡ଼ ମହାବିଦ୍ୟାଳୟର ଅଧକ୍ଷ ମାନଗୋବିନ୍ଦ ସାହୁ, ଶିକ୍ଷକ ବାସୁଦେବ ମହାନ୍ତ ,ଚିତ୍ତରଞ୍ଜନ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ। ସଂଗଠନର ସମ୍ପାଦକ ମାନସ ନାୟକ, ଶିକ୍ଷାବିତ୍ ନାରାୟଣ ସେନାପତିଙ୍କ ସମେତ ସମସ୍ତ କର୍ମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟାଏକୋଣ୍ଡୋ ଆସୋସିଏଶନର ତାଲିମ

କେନ୍ଦୁଝର, ୭।୧୧(ଡି.ଏନ.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ କେନ୍ଦୁଝର ସିଦ୍ଧମଠଠାରେ ଦୁଇଦିନିଆ ଟାଏକୋଣ୍ଡୋ ତାଲିମ ଶିବିର ରବିବାର ଉଦ୍ଯାପିତ ହୋଇଯାଇଛି। ପ୍ରଶିକ୍ଷାର୍ଥୀଙ୍କୁ ପୁମ୍‌ସି ଓ ଆଡଭାନ୍ସ ଫାଇଟିଂ ଟେକନିକ୍ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ସଂପର୍କରେ ତାଲିମ ଦିଆଯାଇଥିଲା। ଏଥିସହିତ ଓଡିଶା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ତଥା ସେଭେନ ଡାନ୍ ଇଣ୍ଟରନ୍ୟାଶନାଲ ଗ୍ରାଣ୍ଡମାଷ୍ଟର ଗୋପାଳ ଚନ୍ଦ୍ର ରାୟଙ୍କ ଦ୍ୱାରା କଲର ବେଲ୍ଟ ଟେଷ୍ଟ ଦେଇ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ କଲର ବେଲ୍ଟ ପ୍ରଦାନ କରାଯାଇଥିଲା। ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନର ସଭାପତି ପ୍ରଦୀପ ମହାନ୍ତି, ସଂପାଦକ ନିର୍ମଳ ଚନ୍ଦ୍ର ନାୟକ, ସିନିୟର ବ୍ଲାକବେଲ୍ଟ ଟଙ୍କଧର ନାଏକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିଧାୟକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ,୭।୧୧- ବାଲେଶ୍ୱର ସହଦେବଖୁଣ୍ଟା ସ୍ଥିତ ବ୍ୟାସକବି ନଗରର ଶିବ ମନ୍ଦିର ପରିସରରେ ବିଧାୟକ ସ୍ୱରୂପ କୁମାର ଦାସଙ୍କୁ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦ ତରଫରୁ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଉପାଧ୍ୟାୟ ଅଧକ୍ଷତା କରିଥିବାବେଳେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଭଗବାନ ମହନୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଧିବାସୀମାନଙ୍କ ପକ୍ଷରୁ ବିଧାୟକଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇ ବିଭାଗୀୟ ଅଧିକାରୀଙ୍କ ଜରିଆରେ ସମାଧାନ ପାଇଁ ନିବେଦନ କରାଯାଇଥିଲା। ପରିଷଦର ସଦସ୍ୟଙ୍କ ସମେତ ବହୁ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

## ସାହିତ୍ୟିକ ମଧୁସୂଦନ ଦାଶଙ୍କ ପରଲୋକ

ଭଣ୍ଡାରିପୋଖରୀ, ୭।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ, କବି, ନାଟ୍ୟକାର ଓ ରାଜନେତା ଭାବେ ବେଶ୍ ଜଣାଶୁଣା ଥିବା ମଧୁସୂଦନ ଦାଶ (୬୮)ଙ୍କ ଶନିବାର ବିଳମ୍ବିତ ରାତିରେ ଜଗନ୍ନାଥପ୍ରସାଦ ଗ୍ରାମ



ବାସଭବନରେ ପରଲୋକ ହୋଇଛି। ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ଯୁବ ବିଜେଡି ସଭାପତି ଲଳିତ ରାଉତ, ଦେବେନ୍ଦ୍ର ଦାଶ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବୈତରଣୀ ନଦୀ ଶଙ୍ଖାରିମୁହଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ଦେବୀପ୍ରସାଦ ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ବଦ୍ରିନାରାୟଣ ଧଳ, ସୁବ୍ରତ ଦାସ, ବର୍ଷିୟାନ କବି ଅଚ୍ୟୁତାନନ୍ଦ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କୁଡୁମୀ ସମ୍ପ୍ରଦାୟର ବନ୍ଦନା ପରବ

ଚମ୍ପୁଆ,୭।୧୧(ଡି.ଏନ.ଏ.)-କେନ୍ଦୁଝର ଜିଲା କୁଡୁମୀ ସମ୍ପ୍ରଦାୟର ବନ୍ଦନା ପରବ ପାଳିତ ହୋଇଯାଇଛି। ଏହି କୃଷିଭିତ୍ତିକ ପରବ ସମ୍ପ୍ରଦାୟର ସଦ୍‌ଭାବନା ଓ ଭାଇଚାରାର ବାର୍ତ୍ତା ଦେଉଥିବା ବେଳେ ଗ୍ରାମ ଗୋରୁଗୋଠ ପଡ଼ିଆରେ ଭାଗ୍ୟବାନ ଚାଷୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବା ପାଇଁ ପାରମ୍ପରିକ ଅଣ୍ଡାମଡ଼ା ଉତ୍ସବ ପାଳନ କରାଯାଇଛି। ଗ୍ରାମ ଦେହୁରୀ ଦ୍ୱାରା ପାରମ୍ପରିକ ରିତିନୀତି ଅନୁସାରେ ଅଣ୍ଡାକୁ ପୂଜା କରିବା ପରେ ଗ୍ରାମର ବଳଦମାନଙ୍କୁ ପଡ଼ିଆ ଭିତରକୁ ପ୍ରବେଶ କରାଯାଇଥିଲା। ଯେଉଁ ଚାଷୀଙ୍କ ବଳଦ ଗୋଡ଼ରେ ଅଣ୍ଡା ଫାଟିଥାଏ ତାଙ୍କୁ ଚଳିତବର୍ଷର ଭାଗ୍ୟବାନ ଚାଷୀ ବୋଲି ଗଣାଯାଇଥିଲା ଏବଂ ତାଙ୍କ ଘରୁ ଖାଦ୍ୟ ପାନୀୟ ଗ୍ରହଣ କରାଯିବା ପରେ ପାରମ୍ପରିକ ବାଦ୍ୟ ଓ ଗୀତର ତାଳେ ତାଳେ ଘର ଘର ବୁଲିଥିଲେ।

# ତେଜିଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

■ବୈଶିଙ୍ଗା ଡାକ୍ତରଖାନା
■ଅଣ୍ଟା ଭିଡ଼ିଲା ଆଞ୍ଚଳିକ ବିକାଶ ପରିଷଦ

ବୈଶିଙ୍ଗା,୭।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଏରିଆ ହସ୍ପିଟାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପ୍ରଦାନ ଲାଗି ଦାବି ଜୋର ଧରିଛି। ଏନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରବିବାର ଅପରାହ୍ନରେ ଡାକ୍ତରଖାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ କ୍ଷେତ୍ର ମୋହନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟିକା ପ୍ରମିଳା ଗିରି, ବିଜେଡି ନେତା ବୃନ୍ଦାବନ ଦାସ , ବିଜେଡି ବ୍ଲକ ସଭାପତି ସୁନ୍ଦର ମୋହନ ମହାନ୍ତ , ପୂର୍ବତନ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାହୁ , ୩୬ନଂ. ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ପୁରୁଖା କଂଗ୍ରେସ ନେତା ପ୍ରମୋଦ କୁମାର ପଣ୍ଡା ଓ ଅମୂଲ୍ୟ ପାଣିଗ୍ରାହୀ, କୃଷକ ସଂଗଠନ ସଭାପତି ପୁରୁଷୋତ୍ତମ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ପଣ୍ଡା, ବିବେକାନନ୍ଦ ପଣ୍ଡା , ବଣିକ ସଂଘ ପକ୍ଷରୁ ପ୍ରଶାନ୍ତ ପଣ୍ଡା , ସୁଦର୍ଶନ ମହାପାତ୍ର ଓ ସନ୍ଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯିବା ଭଳି ନିଷ୍ପତ୍ତି ନିଆଯିବା ସମ୍ପର୍କରେ ଆଲୋଚନା କରାଯିବ ବୋଲି ବିକାଶ ପରିଷଦ ସଭ୍ୟ ଅରବିନ୍ଦ ସାହୁ, ମନୋଜ ପଣ୍ଡା, ସନ୍ଦୀପ ପଣ୍ଡା ଶୁଭ୍ରାଂଶୁ ତିଆଡ଼ି, ଦୀପକ ସିଂହ, ସୀତାରାମ ପାଣି, ବିବେକାନନ୍ଦ ପଣ୍ଡା ପ୍ରମୁଖ ସୂଚନା ଦେଇଛନ୍ତି। ସେହିପରି 'ଆଞ୍ଚଳିକ ବିକାଶ ମଞ୍ଚ'ର ସଭ୍ୟ ତଥା ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ, କୈଳାଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦିଆଯିବା ସହ ଏଠାରେ ଏକ ଆକ୍ସିଡେଣ୍ଟ ୟୁନିଟ ସ୍ଥାପନ ନିମନ୍ତେ ସରକାରଙ୍କଠାରେ ଦୃଢ଼ ଦାବି ଉପସ୍ଥାପନ କରିଥିବା ସୂଚନା ମିଳିଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ



ଖଇରା ପଞ୍ଚାୟତ ସଭାଗୃହ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖଇରା,୭।୧୧(ଡି.ଏନ.ଏ.)

ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ଓ ବରଦା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବରଦା ପଞ୍ଚାୟତରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଓ ଖଇରା ବ୍ଲକରେ ୫୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଭୂମିପୂଜା କରିଥିଲେ। ବରଦା ପଞ୍ଚାୟତରେ ଶିଳାନ୍ୟାସ ଉତ୍ସବରେ ବ୍ରଜକିଶୋର ମହାନ୍ତି,ପ୍ରାକ୍ତନ ସରପଞ୍ଚ ପରିକ୍ଷିତ ମହାପାତ୍ର, ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଖଇରା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ମଧ୍ୟରେ ଖଇରା ପଞ୍ଚାୟତ ସଭାଗୃହ, ନଟାପଡା ସ୍କୁଲ ଶ୍ରେଣୀ ଗୃହ ଇତ୍ୟାଦି ପ୍ରକଳ୍ପ ରହିଥିବା ବେଳେ ବିଏଲ୍ଏଫ୍ ସଭାପତି ରଶ୍ମିତା ମହାପାତ୍ର, ସରପଞ୍ଚ ସୁଦର୍ଶନ ସେଠୀ, ଜିଲା ପରିଷଦ ସଭ୍ୟା ଲୋପାମୁଦ୍ରା ଧର, ନଟାପଡ଼ା ୟୁଜିୟୁପି ସ୍କୁଲ କମିଟି ସଭାପତି ପ୍ରଶାନ୍ତ କୁମାର ଜେନା, ଶଶାଙ୍କ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କର୍ମୀଙ୍କ ମନୋବଳ ବଢ଼ାଇଲେ ନେତା




କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା କଂଗ୍ରେସ ନେତୃବୃନ୍ଦ।

ବାହାନଗା,୭।୧୧(ଡି.ଏନ.ଏ.)

**ବାହାନଗା ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ଗୋପାଳପୁର ସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତହୋଇଯାଇଛି। ଗୋପାଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବାସନ୍ତୀ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମଧୁସୂଦନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସୋର ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲା କଂଗ୍ରେସ କମିଟିର ସଭାପତି ସଞ୍ଜୀବ କୁମାର ଗିରି, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ଭଦ୍ରକ ଜିଲା ଏମ୍‌ପି ପ୍ରାର୍ଥୀ ମଧୁସ୍ମିତା ସେଠୀ, ରାଜ୍ୟ ମହିଳା ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା ସଭାନେତ୍ରୀ ପ୍ରଜ୍ଞାପରମିତା ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ସୋର ବ୍ଲକର ଅଜୟ କୁମାର ଦ୍ୱିବେଦୀ, ପରପଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା, ସୋର ବ୍ଲକ ସଭାପତି ଶ୍ରୀକାନ୍ତ ଯେନା, ବିଷ୍ଣୁପୁର ପଞ୍ଚାୟତର ସମିତି ସଭ୍ୟ ସାଧୁ ଚରଣ ପରିଡ଼ା, ସୋର ମ୍ୟୁନିସିପାଲଟି ସଭାପତି ରାଜେନ୍ଦ୍ର ମହାନ୍ତି, ଦୟାନିଧି କର ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ। କଂଗ୍ରେସରୁ ବିଜେଡିକୁ ଯାଇଥିବା ନେତାମାନଙ୍କୁ ସମାଲୋଚନା କରାଯିବା ସହିତ ଆଗାମୀ ଦିନରେ କିପରି ସଂଗଠନକୁ ମଜବୁତ୍ କରାଯାଇ ପାରିବ ସେନେଇ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେବା ସହିତ କର୍ମୀଙ୍କ ମନୋବଳ ବଢ଼ାଇଥିଲେ।

## ପ୍ରଥମ ବାଚସ୍ପତିଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ ଶିବିର

ଖଇରା,୭।୧୧(ଡି.ଏନ.ଏ.)

ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ନିଶୁଳ୍କ ଚକ୍ଷୁ ଚିକିତ୍ସା ତଥା ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ପାର୍ବତୀପୁର ସ୍ଥିତ ଗଣ୍ଡିବେଡ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଆଲୋକ ପଣ୍ଡାଙ୍କ ଆବାହତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନର ସମ୍ପାଦକ ଅଭିରାମ ମହାପାତ୍ର, ବରିଷ୍ଠ ସଭ୍ୟ ବୁଦ୍ଧିରାମ ପାଣିଗ୍ରାହୀ, ଭାଜପା ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ ଉପସଭାପତି ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ ଓ ଲାୟନ୍ସ କ୍ଲବର ମିଳିତ ସହଯୋଗରେ ଅନୁଷ୍ଠିତ ଶିବିରକୁ ଭେଷଜ ବିଶେଷଜ୍ଞ ଡା. କୈଳାସ ଚନ୍ଦ୍ର ବିଶ୍ୱାଳ ଉଦ୍‌ଘାଟନ କରିଥିବା ବେଳେ ଅଣନାତି ତଥା ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡା. ଅବିନାଶ ଦାସ,ଡା ଭୁପିନ୍ଦର ହୁଣ୍ଡା, ଲାୟନ୍ସ କ୍ଲବର ପ୍ରଶାସକ ଡା. ପ୍ରିୟଦର୍ଶୀ ସିଂ ସାମନ୍ତ, ତନୁଶ୍ରୀ ପାଣିଗ୍ରାହୀ, ଚକ୍ଷୁ ପରୀକ୍ଷକ ହରିହର ମହନ୍ତଙ୍କ ଦ୍ୱାରା ୫ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। ଅଜୟ ବେହେରା, ଦିଲ୍ଲୀପ ପାଣ୍ଡିଆ, ଡମ୍ବରୁଧର ମହାନ୍ତି, ଶୁଭେନ୍ଦୁ ଶିଅଳ, ମନୋଜ ପତି, ସୁବାସ ପ୍ରଧାନ, ସଞ୍ଜୟ ସାମଲ, ଇନ୍ଦ୍ରମଣି ସାହୁ, ରାକେଶ ପତି ପ୍ରମୁଖ ସହଯୋଗ କରିଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

### ଓଡ଼ିଶା ଡ୍ରାଇଭର ସଂଘ ବାଲିଆପାଳ ଶାଖାର ବୈଠକ



ବୈଠକରେ ଉପସ୍ଥିତ ଡ୍ରାଇଭର ସଂଘର କର୍ମକର୍ତ୍ତା।

ବାଲିଆପାଳ,୭।୧୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଛକ ନିକଟରେ ରବିବାର ପୂର୍ବାହ୍ନରେ ଓଡ଼ିଶା ଡ୍ରାଇଭର ସଂଘ ବାଲିଆପାଳ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟକୃଷ୍ଣ ଗାଙ୍ଗାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ଗତ ଅକ୍ଟୋବର ୨୯ରେ ରାଜଧାନୀରେ ଡ୍ରାଇଭର ସଂଘ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ଏହି ଦାବି ପୂରଣ ନ କଲେ ଆଗାମୀ ଦିନରେ ବାଲିଆପାଳ ବ୍ଲକରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଶତାଧିକ ଡ୍ରାଇଭରଙ୍କ ଉପସ୍ଥିତିରେ ଗାଙ୍ଗାଇଙ୍କୁ ସଂଘର ସ୍ଥାୟୀ ସଭାପତି, ବେଣୁଧର ନାୟକଙ୍କୁ ସମ୍ପାଦକ, ଶକ୍ତିକାନ୍ତ ପ୍ରଧାନ, ପ୍ରଭାକର ମହାନ୍ତିଙ୍କୁ ଉପଦେଷ୍ଟା ଭାବରେ ଚୟନ କରାଯାଇଥିଲା। ଲକ୍ଷ୍ମୀକାନ୍ତ ବେହେରା ଡ୍ରାଇଭର ସଂଘର ସଭା ଆୟୋଜକ ଭାବରେ ମନୋନୀତ ହୋଇଥିଲେ। ଗୌରାଙ୍ଗ ଜେନା, ବାପୁନି ପଣ୍ଡା, ଧୀରେନ୍ଦ୍ର ମୁଖୀ, ବିକ୍ରମ ଗିରି, ଦୀପକ ଯାଦବ, ଲକ୍ଷ୍ମୀକାନ୍ତ ଗିରି, ଶମ୍ଭୁନାଥ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହେବ ବୌଦ୍ଧବିହାର

ଭଣ୍ଡାରିପୋଖରୀ, ୭।୧୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁରଠାରେ ରହିଛି ପ୍ରାଚୀନ ବୌଦ୍ଧବିହାର। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଏହି ବୌଦ୍ଧବିହାରକୁ ଭଦ୍ରକ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ପାଇଁ ବିଭାଗ ପକ୍ଷରୁ ଶନିବାର ସର୍ବେକ୍ଷଣ କରାଯାଇଛି। ଭଦ୍ରକ ଓ ବାଲେଶ୍ୱର ଜିଲା ପର୍ଯ୍ୟଟନ ଅଧିକାରୀ ଜି.କେ. ସାହୁ ଓ ସହକାରୀ ପର୍ଯ୍ୟଟନ ଅଧିକାରୀ ମୋନାଲିସା ଜେନା ବୌଦ୍ଧବିହାରରେ ପହଞ୍ଚି ପ୍ରବେଶ ଦ୍ୱାର, ବୌଦ୍ଧବିହାର ମାଉଣ୍ଡ, ରଘୁନାଥଜୀଉ ମନ୍ଦିର, ଉତ୍ତରପାର୍ଶ୍ୱ କାନ୍ଥରେ ଖୋଦେଇ ହୋଇ ରହିଥିବା ବୁଦ୍ଧଦେବଙ୍କ ଅଷ୍ଟମହାଶ୍ଚର୍ଯ୍ୟ ମୂର୍ତ୍ତି, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ନିର୍ମିତ ସଂଗ୍ରହାଳୟରେ ସ୍ଥାନିତ ମୂର୍ତ୍ତି, ବୌଦ୍ଧବିହାର ଚତୁଃପାର୍ଶ୍ୱ



ସର୍ବେକ୍ଷଣ ପାଇଁ ଆସିଥିବା ଅଧିକାରୀ।

ଓ ଅନ୍ୟାନ୍ୟ ଦିଗ ଉପରେ ସର୍ବେକ୍ଷଣ କରିଥିଲେ। ଯୁବ ସାମାଜିକ କର୍ମୀ ବିଶ୍ୱମ୍ଭର ରାଉତ ଏଥିରେ ସହଯୋଗ କରିଥିଲେ। ଆଗାମୀ ୬ ମାସ ବ୍ୟବଧାନରେ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ କରାଯାଇ ପର୍ଯ୍ୟଟନ ବିଶେଷଜ୍ଞ କମିଟି ନିକଟରେ ଉପସ୍ଥାପନ କରାଯିବ। କମିଟି ସୁପାରିଶ ଆଧାରରେ ଓ ଜିଲାପାଳଙ୍କ ଅନୁମୋଦନ ଭିତ୍ତିରେ ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏହି ବୌଦ୍ଧବିହାରକୁ ସ୍ଥାନ ଦିଆଯାଇପାରିବ ବୋଲି ପର୍ଯ୍ୟଟନ ଅଧିକାରୀ କହିଛନ୍ତି। ଭାରତ ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ, ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସମନ୍ୱୟରେ ଏହି ବୌଦ୍ଧବିହାରର ବିକାଶ ସମ୍ଭବ ହୋଇପାରିବ ବୋଲି ଅଧିକାରୀ ଆଶା ପ୍ରକାଶ କରିଥିଲେ।

## ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ସମୀକ୍ଷା

ପଦ୍ମପୁର, ୭।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ରବିବାର ପୂର୍ବାହ୍ନରେ ବ୍ଲକର ୫-ଟି ରୂପାନ୍ତରଣ ଉଚ୍ଚ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ନାୟକାଣିଡିହୀ ପଞ୍ଚାୟତ ମଲ୍ଲିକାଦେଇପୁର ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ବାସୁଦେବପୁର ଉଚ୍ଚ ବାଳିକା ବିଦ୍ୟାଳୟରେ କାର୍ଯ୍ୟ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ପରାମର୍ଶ କରି ଶୀଘ୍ର ଅସମ୍ପୂର୍ଣ୍ଣ କାର୍ଯ୍ୟ ସାରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଇରମ ପଞ୍ଚାୟତର ବଡ୍‌ଢେଇପଦାଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ବିଧାୟକ ପରିଦର୍ଶନ କରିଥିଲେ। ଅଗ୍ରାଧିକାର ଭିତ୍ତିରେ ଏଠାରେ ଛାତ୍ରୀ ନିବାସ ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ ବିଶ୍ୱାଳ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ଛାତ୍ରନେତା କାଳନ୍ଦୀ ସାହୁ, ମାନସ ରଞ୍ଜନ ସାହୁ, ଇଂ. ସମ୍ପିତ ମହାନ୍ତି, ଶ୍ୟାମସୁନ୍ଦର ମହାନ୍ତି, ସିଆର୍‌ସିସି ଅମୀୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେଲାଣି ନେଲେ ମା'

ଭଦ୍ରକ ଅଫିସ/ ପାଟଣା, ୭।୧୧(ସ୍ୱ.ପ୍ର.)

ଭଦ୍ରକର ପ୍ରସିଦ୍ଧ କାଳୀପୂଜା ରବିବାର ଶେଷ ହୋଇଯାଇଛି। ମା' କାଳୀଙ୍କୁ ମେଲାଣି ଦିଆଯାଇଛି। ଚରମ୍ପା ଅଞ୍ଚଳରେ ୩ଦିନ ଧରି ୧୩ ମଣ୍ଡପରେ ପୂଜା ପାଇ ଆସୁଥିଲେ ମା' କାଳୀ। ରବିବାର ୧୧ମଣ୍ଡପରେ ବିସର୍ଜନ କରାଯାଇଛି। ପାରମ୍ପରିକ ବାଦ୍ୟରେ କୋଭିଡ୍ କଟକଣା ମଧ୍ୟରେ ମା'ଙ୍କୁ ବିଦାୟ ଦିଆଯାଇଛି। ଅବଶିଷ୍ଟ ଦୁଇଟି ମଣ୍ଡପରେ ଶନିବାର ଭସାଣି କରାଯାଇଥିଲା। ସେହିପରି କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବଜାର ରେ ବଣିକ ସଙ୍ଘ ତରଫରୁ ପୂଜା ପାଉଥିବା ଶ୍ୟାମା କାଳୀଙ୍କୁ ରବିବାର ବିରାଟ ଶୋଭାଯାତ୍ରାରେ ଭଜନ କୀର୍ତ୍ତନ କରି ବ୍ୟବସାୟୀ ମାନେ ବୈତରଣୀ ନଦୀରେ ବିସର୍ଜନ କରିଛନ୍ତି। ବଣିକ ସଂଘର ସଭାପତି ବୁଲୁ ଭଞ୍ଜ, ସମ୍ପାଦକ ଅଜୟ ଭଞ୍ଜ, ପୁରୁଖା ବ୍ୟବସାୟୀ ଅଜୟ କୁମାର ଦାଶ , ପ୍ରମୋଦ କୁମାର ଭଞ୍ଜ ପ୍ରମୁଖ ଦୋକାନୀ ମାନେ ଶୋଭାଯାତ୍ରାରେ ମା'ଙ୍କୁ ମେଲାଣି ଦେଇଛନ୍ତି।



ଭଦ୍ରକରେ ସ୍କୁଲ ରୋଡ଼ ପୂଜା କମିଟି ପକ୍ଷରୁ ମା' କାଳୀଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

# ବ୍ରାହ୍ମଣପାଳରେ କାଳୀପୂଜା

ଆରଢ଼ି, ୭।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ନିକଟରେ ରହିଛି ବ୍ରାହ୍ମଣପାଳରେ ମା' କାଳୀଙ୍କୁ ଆରାଧନା କରାଯାଇଛି। ଏଠାରେ ମା' କାଳୀଙ୍କ ବ୍ରହ୍ମପିତୁଳା ୫ଦିନ ଧରି ମହାକାଳୀଙ୍କ ବିଗ୍ରହରେ ଅବସ୍ଥାପିତ ହୋଇ ପୂଜା ପାଇଥାଏ। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ନିରାଡ଼ମ୍ବର ପୂଜା ସୋମବାର ଶେଷ ହେବ। ମଣ୍ଡପରେ ୭ଜଣ ପୁରୋହିତ ସେବା ପୂଜା ପାଇଁ ନିୟୋଜିତ ହୋଇଛନ୍ତି। ପୂଜକ ତଥା ବଡ଼ପଣ୍ଡା ସନ୍ତୋଷ ପଣ୍ଡା କହନ୍ତି, ପ୍ରାୟ ୧ ହଜାର ୨ଶହ ବର୍ଷ ତଳେ ସୁଦୂର ବାଂଲାଦେଶର ଥିବା ରାଜସାଜି ଜିଲାରୁ ତାଙ୍କର ପୂର୍ବ ବଂଶଜ କାଳନ୍ଦୀ ପଣ୍ଡା ଜଣେ ଭାରୁଆ ସହ ନିଜ ଗ୍ରାମ ଯାଜପୁରର ଶିରିଆପୁରକୁ ସ୍ୱର୍ଣ୍ଣମୁଦ୍ରା ଭାର ନେଇ ଆସୁଥିଲେ। ସାଥୀରେ ସନ୍ତାନ ଅସୁବିଧାରେ ପଡ଼ିବେ ବୋଲି ମା' କାଳୀ ପଛେ ପଛେ ଆସୁଥିଲେ। କେବେ ହେଲେ ପଛକୁ ନ ଚାହିଁବାକୁ ମା' ତାଙ୍କୁ ସ୍ୱପ୍ନରେ କହିଥିଲେ। ମା' ପୂଜା ପାଉଥିବା ଏହି ସ୍ଥାନରେ ବେତବଣ ଥିଲା। ଏଠାରେ ଭାରୁଆ ସ୍ୱର୍ଣ୍ଣମୁଦ୍ରାର ଝଣଝଣ ଶବ୍ଦ ନ ଶୁଭିବାରୁ କାଳନ୍ଦୀ ପଛକୁ ଚାହିଁ ଦେଇଥିଲେ। ସେହିଦିନଠାରୁ ମା'



ବ୍ରାହ୍ମଣପାଳରେ ପୂଜା ପାଉଛନ୍ତି ମା' କାଳୀ।

ଏଠାରେ ଅବସ୍ଥାନ କରିଥିବା ଶୂନ୍ୟବାଣୀ ହୋଇଥିଲା। ପରଦିନ ସେଠାରେ ଏକ ସିନ୍ଦୁର ମୁଣ୍ଡା (ବ୍ରହ୍ମପିତୁଳା) ମିଳିଥିଲା। ଏହାକୁ ମା' କାଳୀଙ୍କ ବ୍ରହ୍ମସ୍ୱରୂପ ଭାବି ତାଙ୍କ ବଂଶଜମାନେ ପୂଜାର୍ଚ୍ଚନା କରିଆସୁଛନ୍ତି। ପୁରୋହିତ ଉମାକାନ୍ତ ମିଶ୍ର କହନ୍ତି, ପ୍ରତିବର୍ଷ ଦଶହରା ପରଦିନ ମା'ଙ୍କ ବିଗ୍ରହ ଗଢ଼ା ହେଲା ବେଳେ ଏହି ବ୍ରହ୍ମପିତୁଳାକୁ ସେଥିରେ ଅବସ୍ଥାପିତ କରାଯାଏ ଓ ଭସାଣି ପରଦିନ ଏହାକୁ ଆଣି ପୂଜାସ୍ଥଳରେ ପୂର୍ବପରି ରଖାଯାଏ। ଶକ୍ତିପୀଠ ନିକଟସ୍ଥ ନଦୀଗାଁ ଗ୍ରାମର ଉମାକାନ୍ତ ଦାସ କହନ୍ତି, ତାଙ୍କ ବାପା ରାମଚନ୍ଦ୍ର ଦାସ ଚୌକିଦାର ଥିଲେ। ବିଳମ୍ବିତ ରାତିରେ ସେ ମା'ଙ୍କ କାଚ ଝମ୍‌ଝମ୍ ଶବ୍ଦ ଶୁଣିଥିଲେ ଓ ଅନ୍ୟମାନଙ୍କୁ ଶୁଣାଇଥିଲେ। ସେହିପରି ଏଠାରେ ଅର୍ଦ୍ଧରାତ୍ରରେ ଝୁଣା ବାସ୍ନା ଉପଲବ୍ଧି କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ଭିଟାମାଟି ସୁରକ୍ଷା କମିଟିର ଜନଜାଗରଣ ସଭା

ବାଲିଆପାଳ,୭।୧୧(ସ୍ୱ.ପ୍ର)

ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ଦକ୍ଷିଣ ବାଲିଆପାଳର ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟକୁ ବିରୋଧ କରି ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଯମୁନାଶୂଳ ଗ୍ରାମର ମହାଦେବ ମନ୍ଦିର ସମ୍ମୁଖରେ ରବିବାର ଅପରାହ୍ନରେ ଏକ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି କମଳାକାନ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ପାଇଁ ସୁରକ୍ଷା କମିଟିର ସଦସ୍ୟମାନେ ଦକ୍ଷିଣ ବାଲିଆପାଳର ୬ ପଞ୍ଚାୟତ ବାସୀଙ୍କୁ ଏକତ୍ରିତ କରିଥିବା ଦେଖିବାକୁ ମିଳିଥିଲା। ସଭାରେ ଶତାଧିକ ମହିଳା ପୁରୁଷ ଉପସ୍ଥିତ ହୋଇ ଭିଟାମାଟିର ସୁରକ୍ଷା ପାଇଁ ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶପଥ ନେଇଥିଲେ। ମାୟାଧର କୁହ୍ଲାରି, ମନ୍ମଥ ଗିରି,ବରେନ୍ଦ୍ର ଦଳାଇ, ରବୀନ୍ଦ୍ର ଜେନା, ଶିବଶଙ୍କର କର, ଗୌତମ ପରିଡା ପ୍ରମୁଖ ସଭାରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

